# "ମୋ ପରିବାରରେ ତୁମର ଦଖଲ ଅନ୍ଦାଜ୍ କରିବା ଆବଶ୍ୟକତା ନାହିଁ" !

ମୋର ଭାଇର ନାମ ପ୍ରଦ୍ୟୁମ୍ନ ପଣ୍ଡା (ଛଦ୍ମନାମ) । ଘର ଶେରଗଡ଼ ଥାନା ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ । ଆମେ ଆଠ ଭାଇ । ବାପା ହେଉଛନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ । ବାପାଙ୍କର ନାମ ଶୁଣିଲେ ୫୦ଖଣ୍ଡ ଗ୍ରାମର ଲୋକମାନେ କଥା । ମଧ କହନ୍ତି ନାହିଁ । ଏପରିକି ବାପା ପ୍ରାୟ ଆମ ଅଞ୍ଚଳରେ ଜଣେ ଜଣାଶୁଣା ଭଦ୍ରଲୋକ । ରାତି ପାହିଲେ ବିଭିନ୍ନ ଘରର ସମସ୍ୟା ନେଇ ବାପାଙ୍କ ପାଖକୁ ଲୋକମାନେ ଆସନ୍ତି ସମାଧାନ ପାଇଁ । ପିଲାବେଳେ ବାପାଙ୍କୁ ଆମେ ଏତେ ଡରୁଯେ, ବାପା ଦାଣ୍ଡଘରେ ଥିଲେ ଆମେ ବାରିପଟରେ ଯିବା ଆସିବା କରୁ । ବାପାଙ୍କର ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା, ପରୋପକାର ପାଇଁ ଈଶ୍ୱରଙ୍କର ଆର୍ଶିବାଦରୁ ଆମେ ସମସ୍ତେ ପ୍ରାୟ ଭଲରେ ଅଛୁ । ସବୁଠାରୁ ସାନଭାଇ ଆମର ମେଧାବୀ ଛାତ୍ର ଅଟେ । ସେ ଚଣ୍ଡିଗଡ଼ଠାରେ ଡାକ୍ତର । ତାର ବିବାହ ଫେବୃଆରୀ ୨୦୦୭ ମସିହାରେ କରାଗଲା ଜଣେ ଡାକ୍ତରାଣୀଙ୍କ ସହିତ । ଭାଇ ମୋର ଯୌତୁକର ସମ୍ପୂର୍ଣ୍ଣ ବିରୋଧୀ । ମାତ୍ର ଅନ୍ୟ ଜାଗାରୁ ଖବର ପାଇଲୁଯେ, ଆମର ବୋହୁ ଅର୍ଥାତ୍ ମୋର ଭାଇବୋହୁ ବେଶି ନୁହେଁ ବେଳେବେଳେ ଟିକେ ରମ୍ ପିଏ ବୋଲି । ଏହା ଶୁଣି ଘରେ ସମସ୍ତଙ୍କର ମନ ଭାଙ୍ଗିଯାଇଥିଲା । ମାତ୍ର ବାପାଙ୍କୁ କଥାଟା ଲୁଚାଇ ଥିବାରୁ ବାପାଙ୍କ କଥାରେ ସମସ୍ତେ ଚୁପ୍ ରହିଥିଲେ । ମାତ୍ର ମା ମୋର ବାପାଙ୍କୁ ରମ୍ ପିଇବା କଥା କହିଦେବାରୁ ବାପା ସଙ୍ଗେ ସଙ୍ଗେ କହିଲେ ପରଝିଅକୁ ବଦନାମ୍ କରିବା ଭାରି ସହଜ । ଯେଉଁ ଲୋକ କହିଲା ତାକୁ ଯାଇ ପଚାର ତ ? ସେ କେବେ ଆମେ ବାଛିଥିବା ଝିଅ ସହିତ ବସି ମଦ ପିଇଛି କି ? ସେ ଯାହା ହେଉ ବାପାଙ୍କ କଥାରେ ସେହିଠାରେ ବାହାଘର ହେଲା । ବାହାଘର ମାତ୍ର ଅଳ୍ପ କିଛିଦିନ ପରେ ସାନଭାଇ ମୋର ପାଠ ପଢ଼ିବା ପାଇଁ ଆମେରିକା ପଳାଇଗଲା । ସାନଭାଇର ଘରେ ତାର ଶାଶୁ, ଶ୍ୱଶୁର, ଶଳା ଆସି ରହିଲେ । ସେବେଠାରୁ ସାନଭାଇକୁ ସେମାନେ ଶୋଷଣ କରିବାକୁ ଆରମ୍ଭ କଲେ । ଭାଇ ଆମକୁ କେବଳ ଫୋନ୍ କରି କାନ୍ଦିକାନ୍ଦି କହେ ମୁଁ ଫସିଗଲି କିନ୍ତୁ କଣ ଘଟେ ଯେତେ ପଚାରିଲେ ମଧ ସେ କୁହେ ନାହିଁ । ତା ସ୍ତ୍ରୀକୁ ଏବେ ୧୫ ଲକ୍ଷ ଖର୍ଚ୍ଚକରି ପାଠ ପଢ଼ାଇଲା ଏବଂ ଚଣ୍ଡିଗଡ଼ରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଷାଠିଏ ହଜାର ଟଙ୍କା ଦରମାରେ ଚାକିରୀ ମଧ କରାଇ ଦେଲା । ଭାଇ ଏବେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମାସିକ ବେତନ ପାଉଛି । ମାତ୍ର ତାର ସ୍ତ୍ରୀ ତାକୁ ଏଭଳି ନିର୍ଯ୍ୟାତନା ଦେଉଛି ଯେ, ପ୍ରାୟ ସବୁବେଳେ ଶାଶୁ ଶ୍ୱଶୁରଙ୍କୁ ନେଇ ବିଭିନ୍ନ ଦେଶ ବୁଲିବା ପାଇଁ ଚାପ ସୃଷ୍ଟି କରୁଛି । ମନା କଲେ ଜେଲ୍‌ରେ ପୁରାଇ ଦେବ ବୋଲି ଧମକ ଚମକ ଦେଉଛି । ଭାଇର ଦୁଃଖରେ ଅତିଷ୍ଠ ହୋଇ ମୁଁ ଏବଂ ବାପାଙ୍କ ସହ ଆଉ ଦୁଇ ଭାଇ ଚଣ୍ଡିଗଡ଼ ଯାଇଥିଲୁ । ମାତ୍ର ସେଠାରେ ମୋର ଭାଇବୋହୁ ବାପାଙ୍କୁ ଧମକ ଦେଇ କହିଲେ ଘରୁ ସମସ୍ତଙ୍କୁ ବାନ୍ଧି ଭିତରେ ପୁରାଇ ଦେବି ଯେ, ନାମ ନେଉଥିବ । "ମୋ ପରିବାରରେ ତୁମର ଦଖଲ ଅନ୍ଦାଜ୍ କରିବା ଆବଶ୍ୟକତା ନାହିଁ" । ଯଦି କର ଅବସ୍ଥା ଭୟାବହ ହେବ । ଏପରିକି ଇଂଗ୍ଲିସ୍ ଭାଷାରେ ଗାଳି ଗୁଲଜ କରିବା ସହ ଘରୁ ତଡ଼ି ଦେଇଥିଲେ । ଏହା ପରେ ଆମେ ଗାଁକୁ ପଳାଇ ଆସିଥିଲୁ । ଏହାର ଦୁଇ ଦିନ ପରେ ଭାଇ ମଧ ପଳାଇ ଆସିଲା । ତାର ପଛେ ପଛେ ବୋହୂ ଏବଂ ତାଙ୍କ ମାଆ ଆସି ବ୍ରହ୍ମପୁର ମହିଳା ଥାନାରେ ତିନି ପୃଷ୍ଠାର ଏକ ଅଭିଯୋଗ ଆମ ନାମରେ କରାଇ ଥିଲା । ମାତ୍ର ବାପା ଜଣେ ଜଣାଶୁଣା ଲୋକ ହୋଇଥିବାରୁ ଥାନାବାବୁ ଘଟଣାର ଆପୋଷ ସମାଧାନ କରାଇ ଆମକୁ ଭାଇବୋହୁ ଆଗରେ ଭୁଲ୍ ମଗାଇ ସାନ ଭାଇକୁ ପୁଣି ଚଣ୍ଡିଗଡ଼ ପଠାଇବା ପାଇଁ ଆଦେଶ ଦେଲେ । ଏବେ ଭାଇ କେବଳ ଅଫିସ୍ ସମୟରେ ଆମ ସହିତ କଥାବାର୍ତ୍ତା ହୋଇ ଭୋ ଭୋ ହୋଇ କାନ୍ଦୁଛନ୍ତି । ବିଭିନ୍ନ ଆଇନ୍‌ଜୀବୀଙ୍କୁ ଏ ବିଷୟରେ ପରାମର୍ଶ କଲେ ମଧ କେହି ସାହାଯ୍ୟ କରିବା ପାଇଁ ସନ୍ତୋଷ ମୂଳକ ଉତ୍ତର ଦେଇପାରୁ ନାହାଁନ୍ତି.............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।